For wide circulation among all students, teaching and nonteaching staff members through Website, whatsapp groups & Notice Boards.

11/4/26
Principal
Bhadrak (Auto) College, Bhadrak

BHADRAK (AUTO) COLLEGE
ESTD-1948

500
11/04/2026

# ଓଡ଼ିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

*******

ନଥି ସଂଖ୍ୟା [illegible] /ଏଚଇ, ତାରିଖ: ୧୦/୦୪/୨୦୨୬

ଏଚଇ- ପିଟିସି- ପଲିସି-୦୦୦୩-୨୦୨୫

ପ୍ରେରକ

ଶ୍ରୀମତୀ ମୌସୁମୀ ନାୟକ, ଓଏଏସ (ଏସ)

ଯୁଗ୍ମ ଶାସନ ସଚିବ

ପ୍ରାପ୍ତେଷୁ

ସମସ୍ତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ଗଣ

ସମସ୍ତ ସରକାରୀ / ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ/ଅଧକ୍ଷା ଗଣ

ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଗୁଡିକର ଅଧକ୍ଷ/ ଅଧକ୍ଷା ଗଣ

(ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ଶିକ୍ଷାନୁଷ୍ଠାନ ଗୁଡିକ)

ବିଷୟ: ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀ, ଅଧ୍ୟାପକ/ ଅଧ୍ୟାପିକା ଏବଂ ଶିକ୍ଷାନୁଷ୍ଠାନର ମୁଖ୍ୟ ମାନଙ୍କ ପାଇଁ "ଆଦର୍ଶ ଆଚରଣ ବିଧି" (**Model Code of Conduct**) ର କାର୍ଯ୍ୟକାରୀ ସମ୍ପର୍କରେ

ମହୋଦୟ/ ମହୋଦୟା

ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ମୁଁ ଆପଣଙ୍କୁ ଜଣାଇବାକୁ ନିର୍ଦ୍ଦେଶିତ ହୋଇଛି ଯେ, ଉଚ୍ଚଶିକ୍ଷା ବିଭାଗ ପରିସରଭୁକ୍ତ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକର ଛାତ୍ରଛାତ୍ରୀ, ଅଧ୍ୟାପକ/ ଅଧ୍ୟାପିକା ଏବଂ ଶିକ୍ଷାନୁଷ୍ଠାନ ମୁଖ୍ୟମାନଙ୍କ ପାଇଁ ଏକ" ଆଦର୍ଶ ଆଚରଣ ବିଧି" ପ୍ରସ୍ତୁତ କରାଯାଇଅଛି ।

ଶିକ୍ଷକ-ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଏବଂ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଏବଂ ଶିକ୍ଷାନୁଷ୍ଠାନ ପରିସର ମଧ୍ୟରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଏହି ସମାନ ଆଚରଣ ବିଧିର ଆବଶ୍ୟକତା ସରକାର ଅନୁଭବ କରିଛନ୍ତି । ଏହି ଅନୁସାରେ, ଏକାଡେମିକ କମିଟିର ସୁପାରିଶ ଏବଂ ବିଭିନ୍ନ ବିଭାଗ ସହ ଆଲୋଚନା ପରେ ଏହି ବିସ୍ତୃତ ଆଦର୍ଶ ଆଚରଣ ବିଧିକୁ ଚୂଡ଼ାନ୍ତ କରାଯାଇଅଛି।

ତେଣୁ ଆପଣମାନଙ୍କୁ ନିମ୍ନଲିଖିତ ପଦକ୍ଷେପ ଗୁଡିକ ଗ୍ରହଣ କରିବାକୁ ଅନୁରୋଧ କରାଯାଉଅଛି:

୧ .ଏହି ଆଦର୍ଶ ଆଚରଣ ବିଧିକୁ ଆପଣଙ୍କ ଶିକ୍ଷାନୁଷ୍ଠାନ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ/ ଅଧ୍ୟାପିକା ଏବଂ ପ୍ରଶାସନିକ କର୍ମଚାରୀଙ୍କ ମଧ୍ୟରେ ପ୍ରସାରିତ କରିବେ।

Scanned with OKEN Scanner

୨ .ଆପଣଙ୍କ ଶିକ୍ଷାନୁଷ୍ଠାନରେ ଏହାର କଠୋର ଅନୁପାଳନ ସୁନିଶ୍ଚିତ କରିବା ହେବେ ।

୩ . ଶିକ୍ଷାନୁଷ୍ଠାନ ପୁସ୍ତିକା (Prospectus), ନାମଲେଖା କିଟ୍, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ୍ ଏବଂ ଅଫିସିଆଲ୍ ୱେବସାଇଟରେ ଏହି ଆଚରଣ ବିଧିକୁ ସାମିଲ କରିବେ ।

୪ .ଅଭିମୁଖିକରଣ (Orientation) କାର୍ଯ୍ୟକ୍ରମ ଏବଂ ସଚେତନତା ଶିବିର ମାଧ୍ୟମରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଏ ବିଷୟରେ ଅବଗତ କରିବେ ।

୫ .ଏହାର ଅନୁପାଳନ ତଦାରଖ କରିବା ଏବଂ କୌଣସି ଉଲ୍ଲଂଘନ ହେଲେ ତାର ତୁରନ୍ତ ସମାଧାନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବେ ।

ଏହି ଆଦର୍ଶ ଆଚରଣ ବିଧି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଏଥିସହ ସଂଲଗ୍ନ କରାଗଲା। ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଇପାରେ।

ଆପଣଙ୍କର ବିଶ୍ୱସ୍ତ,

(Signature) ୧୦/୪/୨୬

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୬୧୨୮ /ଏଚଇ, ତାରିଖ : ୧୦ /୦୪/୨୦୨୬

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ସଦୟ ଅବଗତି ନିମନ୍ତେ ତାଙ୍କର ବ୍ୟକ୍ତିଗତ ସଚିବଙ୍କ ନିକଟକୁ ଏକକିତା ନକଲ ପ୍ରେରଣ କରାଗଲା।

(Signature) ୧୦/୪/୨୬

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୬୧୨୯ /ଏଚଇ, ତାରିଖ : ୧୦ /୦୪/୨୦୨୬

ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କର ବ୍ୟକ୍ତିଗତ ସଚିବଙ୍କ ନିକଟକୁ ଏକକିତା ନକଲ ପ୍ରେରଣ କରାଗଲା।

(Signature) ୧୦/୪/୨୬

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୬୧୩୦ /ଏଚଇ, ତାରିଖ : ୧୦ /୦୪/୨୦୨୬

ଉଚ୍ଚଶିକ୍ଷା ବିଭାଗର ଆୟୁକ୍ତ-ତଥା-ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ତାଙ୍କର ବ୍ୟକ୍ତିଗତ ସଚିବଙ୍କ ନିକଟକୁ ଏକକିତା ନକଲ ପ୍ରେରଣ କରାଗଲା।

(Signature) ୧୦/୪/୨୬

ଯୁଗ୍ମ ଶାସନ ସଚିବ

Scanned with OKEN Scanner

ଜ୍ଞାପକ ସଂଖ୍ୟା ୧୪୧୩୧ /ଏଚଇ, ତାରିଖ : ୧୦ /୦୪/୨୦୨୬

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସଦୟ ଅବଗତି ନିମନ୍ତେ ସେମାନଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ଏକକିତା ନକଲ ପ୍ରେରଣ କରାଗଲା।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୪୧୩୨ /ଏଚଇ, ତାରିଖ : ୧୦ /୦୪/୨୦୨୬

ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ସଦୟ ଅବଗତି ନିମନ୍ତେ ତାଙ୍କର ବ୍ୟକ୍ତିଗତ ସଚିବଙ୍କ ନିକଟକୁ ଏକକିତା ନକଲ ପ୍ରେରଣ କରାଗଲା।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୪୧୩୩ /ଏଚଇ, ତାରିଖ : ୧୦ /୦୪/୨୦୨୬

ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (RDEs) (ଭୁବନେଶ୍ୱର/ ସମ୍ବଲପୁର/ ବ୍ରହ୍ମପୁର/ ବାଲେଶ୍ୱର/ ଜୟପୁର)ଙ୍କ ନିକଟକୁ ଆବଶ୍ୟକୀୟ ସୂଚନା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏକକିତା ନକଲ ପ୍ରେରଣ କରାଗଲା।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୧୪୧୩୪ /ଏଚଇ, ତାରିଖ : ୧୦ /୦୪/୨୦୨୬

ଏହି ପତ୍ରକୁ ବିଭାଗୀୟ ୱେବସାଇଟ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅପଲୋଡ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ଆଇ.ଟି ଉପବିଭାଗ ଏବଂ ସୋସିଆଲ ମିଡିଆ ସେଲ୍‌କୁ ଏକକିତା ନକଲ ପ୍ରେରଣ କରାଗଲା।

ଯୁଗ୍ମ ଶାସନ ସଚିବ

Scanned with OKEN Scanner

## (କ) ଛାତ୍ରଛାତ୍ରୀମାନଙ୍କ ପାଇଁ ଆଚରଣ ସଂହିତା:

୧) ଶ୍ରେଣୀଗୃହରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ନିୟମିତ ଉପସ୍ଥିତି ଏକାନ୍ତ ଅପରିହାର୍ଯ୍ୟ। ଏଥିରେ କୌଣସି ପ୍ରକାରର ଅବହେଳା କିମ୍ବା ବ୍ୟତିକ୍ରମକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଯଦି ଜଣେ ଛାତ୍ର କିମ୍ବା ଛାତ୍ରୀ ନିୟମିତ ଭାବେ ଶ୍ରେଣୀଗୃହରେ ଅନୁପସ୍ଥିତ ରୁହନ୍ତି, ତେବେ ଏହାକୁ ଏକ ଗମ୍ଭୀର ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯିବ। ଅନେକ ସମୟରେ ପିଲାମାନଙ୍କର ଏହି ଅନୁପସ୍ଥିତି ବିଷୟରେ ଅଭିଭାବକମାନେ ମଧ୍ୟ ଅବଗତ ନଥାନ୍ତି, ଯାହା ଅତ୍ୟନ୍ତ ଉଦବେଗଜନକ। ଏପରି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବାର ଜଣାପଡିଲେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

୨) ଉପରୋକ୍ତ ନିୟମ ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀ ସ୍ପଷ୍ଟ ଭାବେ ଅବଗତ ରହିବା ଆବଶ୍ୟକ। ଶ୍ରେଣୀରେ ନିରନ୍ତର ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କଠୋର ଦଣ୍ଡବିଧାନ କରିବେ। ଶିକ୍ଷାନୁଷ୍ଠାନ ଗୁଡିକର ଶୃଙ୍ଖଳା ରକ୍ଷା କ୍ଷେତ୍ରରେ କୌଣସି ପ୍ରକାରର କୋହଳ ମନୋଭାବ ପୋଷଣ କରାଯିବ ନାହିଁ।

୩) ଅନୁପସ୍ଥିତି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ପୂର୍ବରୁ ଅନୁମତି ନେବା କିମ୍ବା ଅନୁପସ୍ଥିତିର ଯଥୋଚିତ ଓ ଯୁକ୍ତିସଙ୍ଗତ କାରଣ ଦର୍ଶାଇବା ଅନିବାର୍ଯ୍ୟ। ଯଦି କୌଣସି ଛାତ୍ରଛାତ୍ରୀ କ୍ରମାଗତ ଭାବେ ଅନୁପସ୍ଥିତ ରହନ୍ତି, ତେବେ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଅଭିଭାବକଙ୍କୁ ତୁରନ୍ତ ଅବଗତ କରାଯିବ।

୪) କୌଣସି ପୂର୍ବ ଅନୁମତି ବିନା ଶିକ୍ଷାନୁଷ୍ଠାନ ପରିସରରେ ଅନଧିକୃତ ଆନ୍ଦୋଳନ, ହରତାଳ କିମ୍ବା ସଭା ସମିତି କରିବା ନିଷେଧ। ଯଦି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ, ତେବେ ତୁରନ୍ତ ପୋଲିସକୁ ସୂଚନା ଦିଆଯିବା ସହ ଆଇନ ଅନୁସାରେ କଠୋର ପଦକ୍ଷେପ ଗ୍ରହଣ କରାଯିବ।

୫) ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କରୁଥିବା ଛାତ୍ରଛାତ୍ରୀମାନଙ୍କଠାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କ୍ଷତିପୂରଣ ଆଦାୟ କରାଯିବ। କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ଗୁରୁତର ଅଶାନ୍ତି ସୃଷ୍ଟି କଲେ, ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରୁ ସାମୟିକ କିମ୍ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ।

୬) ଶିକ୍ଷାନୁଷ୍ଠାନ ପରିସରରେ ଅଶ୍ଳୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଏପରି ଘଟଣା ସମ୍ପର୍କରେ ତୁରନ୍ତ 'ଆଭ୍ୟନ୍ତରୀଣ ଅଭିଯୋଗ କମିଟି' (IC) କୁ ଅବଗତ କରାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୭) ପ୍ରତ୍ୟେକ ଶିକ୍ଷାବର୍ଷର ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଏକ 'ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରମ' ଆୟୋଜନ କରାଯିବ। ଏଥିରେ ଛାତ୍ରଛାତ୍ରୀମାନଙ୍କ ଆଚରଣ, ଶିଷ୍ଟାଚାର ଏବଂ "କରଣୀୟ ଓ ବର୍ଜନୀୟ

Scanned with OKEN Scanner

କାର୍ଯ୍ୟ" (Dos and Don'ts) ସମ୍ପର୍କରେ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଅଭିଭାବକମାନଙ୍କ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରାଯିବ।

୮) ଅଶ୍ଳୀଳ ଆଚରଣ କିମ୍ବା ଅପରାଧିକ କାର୍ଯ୍ୟକଳାପ ଜଣେ ଛାତ୍ର କିମ୍ବା ଛାତ୍ରୀଙ୍କ ର ଶିକ୍ଷା, ଭବିଷ୍ୟତ ଜୀବିକା ଓ ସାମାଜିକ ପ୍ରତିଷ୍ଠାକୁ କିଭଳି ନଷ୍ଟ କରିଦିଏ, ସେ ସମ୍ପର୍କରେ ସେମାନଙ୍କୁ ସମୟ ସମୟରେ ସଚେତନ କରାଯିବା ଉଚିତ।

୯) ଶିକ୍ଷାନୁଷ୍ଠାନ ପରିସର ଭିତରେ କିମ୍ବା ବାହାରେ (ଛାତ୍ରାବାସ ସମେତ) କୌଣସି ବି ପ୍ରକାରର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ପ୍ରଥମ ଥର ପାଇଁ ସତର୍କ କରାଯିବ, କିନ୍ତୁ ଏହାର ପୁନରାବୃତ୍ତି ହେଲେ ଅଭିଭାବକଙ୍କୁ ଅବଗତ କରାଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧୦) ଗୋଷ୍ଠୀବାଦ, ଅନ୍ୟକୁ ଚିଡ଼ାଇବା, ଧମକ ଦେବା କିମ୍ବା ଛାତ୍ର ଉତ୍ପୀଡନ (Ragging) ଭଳି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଏପରି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଶିକ୍ଷାନୁଷ୍ଠାନରେ ଏକ ସୁଦୃଢ଼ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରିବ।

୧୧) ଛାତ୍ରାବାସ ଅଧିକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର (ଆତ୍ମୀୟଙ୍କ ବ୍ୟତୀତ) କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ଏହା ଅସାମାଜିକ ବ୍ୟକ୍ତି ମାନଙ୍କ ଅନୁପ୍ରବେଶ ରୋକିବାରେ ସହାୟକ ହେବ।

୧୨) ଶିକ୍ଷାନୁଷ୍ଠାନ ପରିସରରେ ଶିଷ୍ଟାଚାର ଓ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଛାତ୍ରଛାତ୍ରୀ ମାନେ ପରିଚୟ ପତ୍ର (ID Card) ପରିଧାନ କରିବା ବାଧ୍ୟତାମୂଳକ ଅଟେ ।

୧୩) ଜରୁରୀକାଳୀନ ଯୋଗାଯୋଗ ଓ ସୁରକ୍ଷା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଅଭିଭାବକଙ୍କ ସଠିକ୍ ଦୂରଭାଷ (Phone) ନମ୍ବର ଶିକ୍ଷାନୁଷ୍ଠାନର ଡାଟାବେସରେ ପ୍ରଦାନ କରିବାକୁ ବାଧ୍ୟ।

Scanned with OKEN Scanner